# NATIONAL NEWS BULLETIN (ODIA)

## 29th June - 2025

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଉତ୍ତର ପ୍ରଦେଶକୁ ଆସନ୍ତାକାଲିଠାରୁ ଦୁଇଦିନିଆ ଗସ୍ତରେ ଯିବେ ରାଷ୍ଟ୍ରପତି ।

- ଦେଶର ୯୫ କୋଟି ଲୋକ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ୍ ।

— ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଲେ ପ୍ରଧାନମନ୍ତ୍ରୀ ।

- ତେଲଙ୍ଗାନାର ନିଜାମାବାଦଠାରେ ଜାତୀୟ ହଳଦୀ ବୋର୍ଡ଼ ମୁଖ୍ୟାଳୟ ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

— ୨୦୩୦ ସୁଦ୍ଧା ୧ ବିଲିୟନ ଡଲାର ମୂଲ୍ୟର ହଳଦୀ ରପ୍ତାନୀ ଲକ୍ଷ୍ୟ ।

ଏବଂ

- ଶ୍ରୀକ୍ଷେତ୍ର ପୁରୀରେ ଆଜି ଆଡ଼ପ ମଣ୍ଡପକୁ ବିଜେ କରିବେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି; ଆସନ୍ତାକାଲି ହେବ ବନକଲାଗି ନୀତି ।

## ପ୍ରେଜ୍ - ଉତ୍ତର ପ୍ରଦେଶ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ଉତ୍ତର ପ୍ରଦେଶକୁ ଦୁଇଦିନିଆ ଗସ୍ତରେ ଯିବେ । ସେ ଆସନ୍ତାକାଲି ବରେଲିସ୍ଥିତ ଭାରତୀୟ ପ୍ରାଣୀଚିକିତ୍ସା ଗବେଷଣା ସଂସ୍ଥାନର ଏକାଦଶ ସମାବର୍ତ୍ତନ ସମାରୋହରେ ଉଦ୍‌ବୋଧନ ଦେବେ । ଗୋରଖପୁର ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥାନ - ଏମ୍‌ସ୍‌ର ପ୍ରଥମ ସମାବର୍ତ୍ତନ ସମାବେଶରେ ମଧ୍ୟ ଯୋଗଦେବେ । ରାଷ୍ଟ୍ରପତି ମଙ୍ଗଳବାର ଗୋରଖପୁରଠାରେ ମହାଯୋଗୀ ଗୁରୁ ଗୋରଖନାଥ ଆୟୂଷ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ କରିବେ । ଏହାପରେ ସେ ମହାଯୋଗୀ ଗୋରଖନାଥ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ସେଠାକାର ଅଡିଟୋରିୟମ୍, ପଞ୍ଚକର୍ମ କେନ୍ଦ୍ର ମଧ୍ୟ ଉଦ୍‌ଘାଟନ କରିବା ସହ ଏକ ଛାତ୍ରୀନିବାସର ମଧ୍ୟ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

# ମନ୍ କୀ ବାତ - ପି.ଏମ୍.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସ୍ୱାସ୍ଥ୍ୟଠାରୁ ସାମାଜିକ ସୁରକ୍ଷା ପର୍ଯ୍ୟନ୍ତ ଦେଶ ପ୍ରତ୍ୟେକ କ୍ଷେତ୍ରରେ ପରିପୂର୍ଣ୍ଣତାର ଚିନ୍ତାଧାରା ସହିତ ଅଗ୍ରସର ହେଉଛି । ସାମାଜିକ ନ୍ୟାୟର ଏହା ଏକ ଉଲ୍ଲେଖନୀୟ ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କ ସହ ଭାବ ବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସାମ୍ପ୍ରତିକ ପରିସ୍ଥିତିରେ ଦେଶର ଅଧିକାଂଶ ଲୋକ କୌଣସି ନା କୌଣସି ସାମାଜିକ ସୁରକ୍ଷାର ସୁଫଳ ପାଉଛନ୍ତି । ଆନ୍ତର୍ଜାତିକ ଶ୍ରମ ସଂଗଠନ ଆଇ.ଏଲ୍.ଓ. ରିପୋର୍ଟ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଦେଶର ୯୫କୋଟି ଲୋକ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ଅଛନ୍ତି । ୨୦୧୫ ମସିହା ପର୍ଯ୍ୟନ୍ତ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ଦେଶର ୨୫ କୋଟିରୁ କମ୍ ଲୋକଙ୍କ ପାଖରେ ପହଞ୍ଚିଥିଲା । ଏଭଳି ସଫଳତା ଆତ୍ମବିଶ୍ୱାସ ସୃଷ୍ଟି କରିଛି ଏବଂ ଭାରତ ଏହାକୁ ଆଧାର କରି ପ୍ରତ୍ୟେକ କ୍ଷେତ୍ରରେ ଶକ୍ତିଶାଳୀ ହେବାକୁ ପ୍ରୟାସ ଜାରି ରଖିଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଭାରତକୁ ଟ୍ରାକୋମା ମୁକ୍ତ ଘୋଷଣା କରାଯିବା ପ୍ରସଙ୍ଗକୁ ଉଲ୍ଲେଖକରି ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱଚ୍ଛ ଭାରତ ଅଭିଯାନ ଏବଂ ଜଳଜୀବନ ମିଶନ ଏହି ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ।

ବିଶ୍ୱ ପରିବେଶ ଦିବସ ଉପରେ ଆଲୋକପାତ କରିବା ସହ ପ୍ରଧାନମନ୍ତ୍ରୀ ଚାରାରୋପଣ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏକ୍ ପେଡ୍ ମାଁ କେ ନାମ୍ ଅଭିଯାନ ଅଧୀନରେ ଚାରାରୋପଣ ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (MKB Environment)*** :...........

ଛତ୍ରପତି ସମ୍ଭାଜୀ ନଗର ଜିଲ୍ଲା ଅନ୍ତର୍ଗତ ପଟୋଡ଼ା ଗ୍ରାମକୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଭୂୟସୀ ପ୍ରଶଂସା କରି ଏହା ରାଜ୍ୟପାଇଁ ଗୌରବ ବୋଲି ବର୍ଣ୍ଣନା କରିଛନ୍ତି । ପଟୋଡା' ଅଙ୍ଗାରକାମ୍ଳ ମୁକ୍ତ ଗ୍ରାମ ଏବଂ ସ୍ୱଚ୍ଛ ଓ ପରିବେଶ ସଂରକ୍ଷଣପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ପ୍ରଧାନମନ୍ତ୍ରୀ ଏହି ଗ୍ରାମକୁ ପ୍ରଶଂସା କରିଛନ୍ତି । ଏହା ଅନ୍ୟ ସମସ୍ତ ଗ୍ରାମପାଇଁ ଏକ ଜ୍ୱଳନ୍ତ ଉଦାହରଣ ବୋଲି ସେ କହିଛନ୍ତି । ଗ୍ରାମବାସୀ ସେମାନଙ୍କର ଅଳିଆ ଆବର୍ଜନା ଘର ବାହାରେ ପକାନ୍ତି ନାହିଁ ଏବଂ ଏହି ଗ୍ରାମରେ ପ୍ରତ୍ୟେକ ଘରୁ ଆବର୍ଜାନ ସଂଗ୍ରହ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି । ଏହି ଗ୍ରାମର ଲୋକମାନେ ମଧ୍ୟ ମୃତବ୍ୟକ୍ତିଙ୍କ ଶେଷକୃତ୍ୟ କାଠ ବଦଳରେ ଗୋବର ଘଷିରେ କରିଥାଆନ୍ତି । ସେଥିରୁ ସଂଗୃହୀତ ପାଉଁଶକୁ ମୃତବ୍ୟକ୍ତିର ସ୍ମରଣାର୍ଥେ ଏକ ଚାରା ରୋପଣ କରି ସେଥିରେ ଦିଆଯାଇଥାଏ । ଗ୍ରାମବାସୀଙ୍କ ଏହିସବୁ ମହତ୍ ଅଭ୍ୟାସ ଏକ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ମନ୍ ବାତ୍ କାର୍ଯ୍ୟକ୍ରମରେ କହିଛନ୍ତି ।

## ଓମ୍. ବିର୍ଲା - ସି.ପି.ଏ. କନ୍‌ଫରେନ୍ସ

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆସନ୍ତାକାଲି ଧର୍ମଶାଳା ତପୋବନଠାରେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ - ସି.ପି.ଏ.ର ଜୋନ୍-୨ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟନ କରିବେ । ଏହି ଜୋନ୍‌ରେ ଦିଲ୍ଲୀ, ହରିୟାଣା, ହିମାଚଳ ପ୍ରଦେଶ, ଜମ୍ମୁ ଓ କାଶ୍ମୀର ଏବଂ ପଞ୍ଜାବ ସାମିଲ୍ ଅଛନ୍ତି । ଗଣତାନ୍ତ୍ରିକ ସଂସ୍ଥାନଗୁଡ଼ିକୁ ସଶକ୍ତ କରିବା, ସୁଶାସନ ନିମନ୍ତେ ନବସୃଜନ ପ୍ରକ୍ରିୟାକୁ ସମ୍ପ୍ରସାରିତ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ରହିଛି । ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି "ଡିଜିଟାଲ୍ ଯୁଗରେ ସୁଶାସନ : ସମ୍ବଳ ପରିଚାଳନା, ଗଣତନ୍ତ୍ରର ସୁରକ୍ଷା ଏବଂ ନବସୃଜନକୁ ଆପଣେଇବା" । ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଏକ ବିଶ୍ୱସ୍ତରୀୟ ସଙ୍ଗଠନ, ଯାହାକି ସମସ୍ତ ସାଂସଦଙ୍କୁ ଏକତ୍ର କରି ସଂସଦୀୟ ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ ।

## ତେଲଙ୍ଗାନା - ଅମିତ୍ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ତେଲଙ୍ଗାନାର ନିଜାମାବାଦଠାରେ ଜାତୀୟ ହଳଦୀ ବୋର୍ଡ଼ ମୁଖ୍ୟାଳୟ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜାମାବାଦଠାରେ ଜାତୀୟ

ହଳଦୀ ବୋର୍ଡ଼ ମଞ୍ଜୁରି ପ୍ରଦାନ କରି’ ହଳଦୀ ଚାଷୀମାନଙ୍କର ଦୀର୍ଘ ୪୦ ବର୍ଷର ସ୍ୱପ୍ନକୁ ପୂରଣ କରିପାରିଛନ୍ତି । ସେ କହିଛନ୍ତି, ହଳଦୀ ଚାଷୀମାନଙ୍କ କଲ୍ୟାଣ ନିମନ୍ତେ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ । ୨୦୩୦ ମସିହା ସୁଦ୍ଧା ୧ ବିଲିୟନ୍ ଡଲାର ମୂଲ୍ୟର ହଳଦୀ  ରପ୍ତାନୀ ହେବା ଉଚିତ ବୋଲି ଶ୍ରୀ ଶାହା କହିଛନ୍ତି । ଉତ୍ତମ ଗୁଣବତ୍ତା ସମ୍ପନ୍ନ ହଳଦୀ ଉତ୍ପାଦନ ସତ୍ତ୍ୱେ ଚାଷୀମାନେ ଉପଯୁକ୍ତ ମୂଲ୍ୟ ପାଉ ନାହାନ୍ତି ବୋଲି ସେ କହିଛନ୍ତି । ଏହି ବୋର୍ଡ଼ ମାଧ୍ୟମରେ ଚାଷୀମାନଙ୍କୁ ହଳଦୀ ଉତ୍ପାଦନ ନିମନ୍ତେ ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ଦକ୍ଷତାସମ୍ପନ୍ନ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ହଳଦୀର ଔଷଧୀୟ ଗୁଣ ସମ୍ପର୍କରେ ଆଲୋକପାତ କରି ଶ୍ରୀ ଶାହା କହିଛନ୍ତି, ସମଗ୍ର ବିଶ୍ୱ ହଳଦୀର ଔଷଧୀୟ ଗୁଣ ସମ୍ପର୍କରେ ଏବେ ଅବଗତ ହେଲେଣି ।

***Voice (Shah)*** :.............

କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷାନ ରେଡ୍ଡୀ, ଖଣି ରାଷ୍ଟ୍ରମନ୍ତ୍ରୀ ବି. ସଞ୍ଜୟ କୁମାର ସମେତ ତେଲଙ୍ଗାନାର ମନ୍ତ୍ରୀମାନେ ଯୋଗ ଦେଇଥିଲେ ।

# ପୁରୀ - କାର୍ ଫେଷ୍ଟିଭାଲ୍

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ବାହାରିଥିବା ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ଶରଧାବାଲିରୁ ଆଜି ଆଡପମଣ୍ଡପ ବିଜେ କରିବେ। ସନ୍ଧ୍ୟାଧୂପ ପରେ

ଶ୍ରୀବିଗ୍ରହମାନେ ଗୁଣ୍ଡିଚା ମନ୍ଦିର ପ୍ରବେଶ କରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରଥମେ ମଦନମୋହନ, ରାମ ଓ କୃଷ୍ଣ ବିଜେ କରିବା ପରେ ସୁଦର୍ଶନ ମହାପ୍ରଭୁଙ୍କ ପହଣ୍ଡି ଆରମ୍ଭ ହେବ। ରଥ ଉପରେ ସନ୍ଧ୍ୟା ଧୂପ ନୀତି ଶେଷ ହେବା ପରେ ଠାକୁରମାନଙ୍କୁ ଗୋଟି ପହଣ୍ଡିରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନିଆଯିବ। ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଛି।

ଆସନ୍ତାକାଲି ଆଷାଢ଼ ଶୁକ୍ଳ ଚତୁର୍ଥୀଯୁକ୍ତ ପଞ୍ଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଆପାତତଃ ରାତି ୯ଟାରୁ ବିଳମ୍ବିତ ରାତି ୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ପୁରୀ - ଷ୍ଟାମ୍ପେଡ୍

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଆଜି ଭୋର ୪ଟା ସମୟରେ ରଥାରୂଢ଼ ଦାରୁବ୍ରହ୍ମଙ୍କୁ ଦର୍ଶନ ସମୟରେ ଅସ୍ୱାଭାବିକ ଭିଡ ଯୋଗୁଁ ହୋଇଥିବା ଦଳାଚକଟା ଘଟଣାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁସାରେ, ଘଟଣାର ସମ୍ପୂର୍ଣ୍ଣ

ପ୍ରଶାସନିକ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମହାପ୍ରଭୁଙ୍କ ରଥଯାତ୍ରାରେ ଏଭଳି ଅଘଟଣକୁ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉନ୍ନୟନ କମିଶନଙ୍କ ଅଧୀନରେ ପ୍ରଶାସନିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପୁରୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ବଦଳି କରାଯାଇଛି। ନୂତନ ଜିଲ୍ଲାପାଳ ଭାବେ ଚଞ୍ଚଳ ରାଣା ଏବଂ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି।  ରଥଯାତ୍ରାରେ ପୁଲିସ୍ ପରିଚାଳନା ପାଇଁ ବରିଷ୍ଠ ପୁଲିସ୍ ଅଧିକାରୀ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ, ରଥଯାତ୍ରା ସମ୍ପୂର୍ଣ୍ଣ ପରିଚାଳନା ପାଇଁ ଉଚ୍ଚଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ଦାୟିତ୍ୱ ଦିଆଯାଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରଥଯାତ୍ରା ଓଡ଼ିଆ ଜାତିର ଗର୍ବ ଓ ଗୌରବ ଏବଂ ଏଥିରେ ସାମାନ୍ୟ ଅବହେଳା ବରଦାସ୍ତ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଘଟିଥିବା ଅଘଟଣ ପାଇଁ ଡିସିପି ବିଷ୍ଣୁ ପତି ଓ କମାଣ୍ଡାଣ୍ଟ ଅଜୟ ପାଢ଼ୀଙ୍କୁ ଦାୟିତ୍ୱରୁ ନିଲମ୍ବନ କରାଯାଇଛି।

ଏଥିସହିତ ମୁଖ୍ୟମନ୍ତ୍ରୀ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଘୋଷଣା କହିଛନ୍ତି। ପୁରୀରେ ଶ୍ରୀଗୁଣ୍ଡିଚା ସମ୍ମୁଖରେ ଚାରମାଳ କାଠ ବୋଝେଇ ଟ୍ରକ୍ ହଠାତ୍ ଭିଡ ପରିସରକୁ ଆସିଯିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଦୁଃଖଦ ଘଟଣାରେ ୩ ଜଣ ମୃତ ଏବଂ ୮୦ ରୁ ଅଧିକ ଆହତ ହେବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ପାକ୍ - ଆର୍ଥକ୍ୱାକ୍

ପାକିସ୍ତାନ ବାଲୁଚିସ୍ତାନ ପ୍ରଦେଶରେ ଆଜି ଭୂମିକମ୍ପ କାରଣରୁ ୫ ଜଣ ଆହତ ହୋଇଛନ୍ତି । ସେଠାରେ ଭୂମିକମ୍ପର ତୀବ୍ରତା ୫ ଦଶମିକ ୩ ଅନୁଭୂତ ହୋଇଥିଲା । ସ୍ଥାନୀୟ ସମୟ ଭୋର୍ ସାଢ଼େ ୩ଟା ସମୟରେ ହୋଇଥିବା ଭୂକମ୍ପର କେନ୍ଦ୍ରସ୍ଥଳ ବାର୍‌କାନ୍ ସହର ଥିଲା । ରାରା ସେମ୍, କିଙ୍ଗ୍ରି ଏବଂ ଓ୍ୱାସ୍ତୁ ଅଞ୍ଚଳରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା । ଭୂକମ୍ପରେ ୧୨ରୁ ଅଧିକ ଘର ନଷ୍ଟ ହୋଇଥିବାବେଳେ ଅଧିକାଂଶ ଘରେ ଫାଟ ସୃଷ୍ଟି ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି ।

## ମନ୍‌ସୁନ୍ - ଏଣ୍ଟାୟାର୍ କଣ୍ଟ୍ରି

ସମଗ୍ର ଦେଶରେ ନିର୍ଦ୍ଧାରିତ ସମୟର ୯ ଦିନ ପୂର୍ବରୁ ଆଜି ମୌସୁମୀ ପହଞ୍ଚିଯାଇଛି । ଏହାର ପ୍ରଭାବରେ ଝାଡ଼ଖଣ୍ଡ, ଓଡ଼ିଶା, ବିହାର, ମଧ୍ୟପ୍ରଦେଶ, ଛତିଶଗଡ଼, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ଗୋଆ, ଗୁଜରାଟ ଏବଂ ଉତ୍ତର-ପୂର୍ବ ଭାରତର ଅଧିକାଂଶ ଅଞ୍ଚଳରେ ଆଗାମୀ ୭ ଦିନ ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭବନା ରହିଥିବା ପାଣିପାଗ

ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆକାଶବାଣୀ ସମ୍ବାଦ ବିଭାଗକୁ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତୁଞ୍ଜୟ ମହାପାତ୍ର ସୂଚନା ଦେଇ କହିଛନ୍ତି, ସମଗ୍ର ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସମ୍ଭାବ୍ୟ ଜୁଲାଇ ୮ ତାରିଖ ପୂର୍ବରୁ ପହଞ୍ଚି ଯାଇଛି । ଏହାର ପ୍ରଭାବରେ କେନ୍ଦ୍ରୀୟ ଭାରତ, ପଶ୍ଚିମବଙ୍ଗ ଗାଙ୍ଗେୟ ଅଞ୍ଚଳ, ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ଉତ୍ତର-ପଶ୍ଚିମ ଭାରତରେ ଭଲ ବର୍ଷା ହେବାର ସମ୍ଭାବନା ରହିଛି ।

***Vocie (M. Mohapatra)*** :...........

*****